# NATIONAL NEWS BULLETIN (ODIA)

**29 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଭାରତକୁ ବିଶ୍ୱରେ ଉତ୍ପାଦନ ଏବଂ ପ୍ରସ୍ତୁତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ।

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି ସ୍ୱଚ୍ଛଭାରତ ମିଶନକୁ ଆସନ୍ତା ୨ ତାରିଖରେ ୧୦ବର୍ଷ ପୂରିବ ।

- ଜାମାଇକା ପ୍ରଧାନମନ୍ତ୍ରୀ ଡକ୍ଟର ଆଣ୍ଡ୍ରୁ ହୋଲ୍‌ନେସ୍‌ଙ୍କ ଆସନ୍ତାକାଲିଠାରୁ ୪ଦିନିଆ ଭାରତ ଗସ୍ତ ।

- ମଧ୍ୟପ୍ରାଚ୍ୟରେ ବଢୁଥିବା ହିଂସା ନେଇ ଚିନ୍ତାପ୍ରକଟ କଲେ ଜାତିସଂଘ ମହାସଚିବ ।

- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ବିଶ୍ୱ ହୃତ୍‌ପିଣ୍ଡ ଦିବସ ।

ଏବଂ

- ଓଦା ପଡ଼ିଆ ଯୋଗୁଁ ବିଳମ୍ବିତ ହୋଇଛି ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନର ଖେଳ ।

---

# ମନ୍ କୀ ବାତ୍

ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଭାରତକୁ ବିଶ୍ୱରେ ଉତ୍ପାଦନ ଏବଂ ପ୍ରସ୍ତୁତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସମାଜର ଆର୍ଥିକ ଦୁର୍ବଳ ବର୍ଗ, ମଧ୍ୟବିତ୍ତ ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ର ଏହି ଅଭିଯାନ ଦ୍ୱାରା ଯଥେଷ୍ଟ ଉପକୃତ ହେଉଛନ୍ତି ବୋଲି ସେ କହିଛନ୍ତି । ଆକାଶବାଣୀରେ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୪ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ମେକ୍ ଇନ୍ ଇଣ୍ଡିଆ ଅଭିଯାନ ପ୍ରତ୍ୟେକ ବର୍ଗର ଲୋକଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେଇଛି । ରପ୍ତାନୀ ବୃଦ୍ଧି ପାଇବା ସହ ବିଭିନ୍ନ କ୍ଷେତ୍ରରେ ପ୍ରତ୍ୟକ୍ଷ ପୁଞ୍ଜିନିବେଶକୁ ଏହା ଆକୃଷ୍ଟ କରିପାରିଛି । ସରକାର ଉତ୍ପାଦର ଗୁଣବତ୍ତା ଉପରେ ଗୁରୁତ୍ୱ ଦେବା ସହ ଭୋକାଲ ଫର୍ ଲୋକାଲ ଚିନ୍ତାଧାରା ଅଧିକ ତ୍ୱରାନ୍ୱିତ ହୋଇଛି ବୋଲି ସେ କହିଛନ୍ତି । ମେକ୍ ଇନ୍ ଇଣ୍ଡିଆ ଉତ୍ପାଦ କିଣିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ।

ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ ସ୍ଥିତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ନୂତନ କ୍ଷେତ୍ରର ଆବିର୍ଭାବ ସହ ନିଯୁକ୍ତିର ପରିଭାଷା ବଦଳୁଛି । ପ୍ରତିଭା ଏବଂ ସୃଜନଶୀଳତାକୁ ପ୍ରୋତ୍ସାହନ କରିବା ଲକ୍ଷ୍ୟରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ 'ଭାରତରେ ପ୍ରସ୍ତୁତ' ଶୀର୍ଷକ ପ୍ରସଙ୍ଗ ଆଧାରରେ ୨୫ଟି ବର୍ଗରେ ପ୍ରତିଯୋଗିତା ଆୟୋଜିତ କରୁଛି । ଏଥିରେ ଅଂଶଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଆସନ୍ତା ଅକ୍ଟୋବର ୨ ତାରିଖରେ ସ୍ୱଚ୍ଛ ଭାରତ ମିଶନକୁ ୧୦ବର୍ଷ ପୂରଣ ହେବ । ଏହାର ସଫଳତା ଉପରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ

କହିଛନ୍ତି ସ୍ୱଚ୍ଛତା ଉପରେ ସମସ୍ତେ ଅଧିକ ଧ୍ୟାନ ଦେଉଛନ୍ତି । ବର୍ଜ୍ୟଠାରୁ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଏହି ମନ୍ତ୍ର ଅଧିକ ଗ୍ରହଣୀୟ ହୋଇପାରିଛି । ଲୋକଙ୍କ ସହଭାଗିତା ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଛି । ପୁନଃ ବ୍ୟବହାର ଏବଂ ପୁନଃ ନବୀକରଣ ଉପରେ ଆଲୋଚନା ହେଉଛି । ଦେଶବାସୀଙ୍କର ଜାତିର ପିତାଙ୍କ ପ୍ରତି ଏହା ଏକ ପ୍ରକୃଷ୍ଟ ଶ୍ରଦ୍ଧାଞ୍ଜଳି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

‘ଏକ୍ ପେଡ୍ ମା କେ ନାମ୍’ ଅଭିଯାନରେ ଅଧିକରୁ ଅଧିକ ଲୋକଙ୍କର ଯୋଗଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି । ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ଚାରାରୋପଣ କରି କେତେକ ରାଜ୍ୟ ଉତ୍କର୍ଷ ପ୍ରତିପାଦନ କରିପାରିଛନ୍ତି ବୋଲି ସେ କହିଛନ୍ତି ।

ଜଳସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ ବର୍ଷା ଦିନରେ ସଞ୍ଚୟ ହେଉଥିବା ଜଳ ଅଭାବ ସମୟରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ବୋଲି କହିଛନ୍ତି। ‘ବିକାଶ ଭି ବିରାସତ ଭି’ ସମ୍ପର୍କରେ ଆଲୋକପାତ କରିବା ଅବସରରେ ପ୍ରଧାନମନ୍ତ୍ରୀ ନିକଟରେ ଆମେରିକା ଦ୍ୱାରା ଭାରତକୁ ଫେରାଯାଇଥିବା ୩୦୦ଟି ପ୍ରାଚୀନ କଳାକୃତି ସମ୍ପର୍କରେ ଉଲ୍ଲେଖ କରିଥଲେ ।

ମାତୃଭାଷାର ମହତ୍ୱ ଉପରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶରେ ୨୦ହଜାର ଭାଷା ଏବଂ ଉପଭାଷା ରହିଛି । ସାନ୍ତାଳି ଭାଷାର ସଂରକ୍ଷଣ ପାଇଁ ନିଆଯାଇଥିବା ପ୍ରୟାକୁ ସେ ପ୍ରଶଂସା କରିଛନ୍ତି । ଓଡ଼ିଶାର ମୟୂରଭଞ୍ଜ ନିବାସୀ ରାମଜିତ୍ ଟୁଡୁ ଅନ୍‌ଲାଇନ୍ ମାଧ୍ୟମରେ ସାନ୍ତାଳି ଭାଷାର ପ୍ରଚାର ଏବଂ ପ୍ରସାର ଉପରେ ନେଉଥିବା ପଦକ୍ଷେପର ଉଚ୍ଚ ପ୍ରଶଂସା କରିଛନ୍ତି ।

ମନ୍ କି ବାତ୍‌ର ଇତିହାସକୁ ପର୍ଯ୍ୟାଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏହି କାର୍ଯ୍ୟକ୍ରମକୁ ୧୦ବର୍ଷ ପୂରଣ ହେବାକୁ ଯାଉଛି । ୨୦୧୪ ଅକ୍ଟୋବର ୩ ତାରିଖରେ ବିଜୟାଦଶମୀ ଦିନ ମନ୍ କି ବାତ୍ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା । ଶ୍ରୋତାଙ୍କୁ ଏହି କାର୍ଯ୍ୟକ୍ରମର ପ୍ରକୃତ ଉପସ୍ଥାପକ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆକାଶବାଣୀ, ଦୂରଦର୍ଶନ ଏବଂ ପ୍ରସାରଭାରତୀ ସହ ଜଡିତ ପ୍ରତ୍ୟେକ କର୍ମଚାରୀ ଏବଂ ଅଧିକାରୀଙ୍କର ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି । ୧୨ଟି ବିଦେଶୀ ଭାଷା ବ୍ୟତୀତ ଦେଶର ୨୨ଟି ଭାଷାରେ ଏହି କାର୍ଯ୍ୟକ୍ରମ ଶୁଣାଯାଇ ପାରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଗାମୀ ପାର୍ବଣ ଋତୁ ପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଜାମାଇକା ପିଏମ୍ ଭିଜିଟ୍

ଜାମାଇକା ପ୍ରଧାନମନ୍ତ୍ରୀ ଡକ୍ଟର ଆଣ୍ଡ୍ର୍ୟୁ ହୋଲ୍‌ନେସ୍ ଆସନ୍ତାକାଲିଠାରୁ ୪ଦିନିଆ ଭାରତ ଗସ୍ତରେ ଆସିବେ । ଏହା ହେଉଛି ତାଙ୍କର ପ୍ରଥମ ଭାରତ ଗସ୍ତ ଏବଂ ଜାମାଇକା ପ୍ରଧାନମନ୍ତ୍ରୀଙ୍କର ପ୍ରଥମ ଦ୍ୱିପାକ୍ଷିକ ଭାରତ ଗସ୍ତ । ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଡକ୍ଟର ହୋଲ୍‌ନେସ୍ ଭାରତରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜାମାଇକା ପ୍ରତିପକ୍ଷ ବିଭିନ୍ନ ବହୁପକ୍ଷୀୟ ବୈଠକ ଅବସରରେ ଅନେକଥର ପରସ୍ପର ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ହୋଲ୍‌ନେସ୍ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା କରିବେ । ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ସହ ମଧ୍ୟ ତାଙ୍କର ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଜାମାଇକା ପ୍ରଧାନମନ୍ତ୍ରୀଙ୍କ ଏହି

ଗସ୍ତ ଅବସରରେ ଦ୍ୱିପାକ୍ଷିକ ସହଯୋଗକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ଆଶା କରାଯାଉଛି ।

## ୟୁଏନ୍‌ଆଇ ଚିଫ୍-ଗୁଟେରସ

ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ମଧ୍ୟପ୍ରାଚ୍ୟରେ ବଢୁଥିବା ହିଂସା ନେଇ ଚିନ୍ତାପ୍ରକଟ କରୁଛନ୍ତି । ସଂଘର୍ଷକୁ ତୁରନ୍ତ ବନ୍ଦ କରିବାକୁ ସେ ଉଭୟ ପକ୍ଷଙ୍କୁ ଅନୁରୋଧ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଗୁଟେରସ୍ କହିଛନ୍ତି ଉଭୟପକ୍ଷର ସାଧାରଣ ଜନତା ଏହି ସଂଘର୍ଷର ବିଭୀଷିକାକୁ ସହ୍ୟ କରିବା କଷ୍ଟକର ହୋଇପଡିବ । ଉଭୟପକ୍ଷ ଏଭଳି ପରିସ୍ଥିତିରେ ଦୂରେଇ ରହିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ବେରୁଟ୍‌ରେ ଇସ୍ରାଏଲର ଆକାଶମାର୍ଗରୁ ଆକ୍ରମଣ ପରିପ୍ରେକ୍ଷୀରେ ଶ୍ରୀ ଗୁଟେରସ ଏହା କହିଛନ୍ତି ।

ଅନ୍ୟପକ୍ଷରେ ଗଣମାଧ୍ୟମ ସୂଚନା ଅନୁଯାୟୀ ବେରୁଟ୍‌ର ଦହିୟେ ଜିଲ୍ଲାରେ ଇସ୍ରାଏଲ ପ୍ରତିରକ୍ଷାବାହିନୀ ଆକ୍ରମଣରେ ହିଜ୍‌ବୁଲ୍ଲାର ବରିଷ୍ଠ ଗୁଇନ୍ଦା ଅଧିକାରୀ ହସନ୍ ଖଲିଲ ୟାସିନଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି ।

## ରୁଷ୍-ଇସ୍ରାଏଲ ନସରୁଲ୍ଲା

ବେରୁଟ୍‌ରେ ଇସ୍ରାଏଲର ଆକାଶମାର୍ଗରୁ ଆକ୍ରମଣ ଦ୍ୱାରା ହିଜ୍‌ବୁଲ୍ଲା ନେତା ସୟଦ ହାସନ ନସରୁଲ୍ଲାଙ୍କ ମୃତ୍ୟୁରେ ରୁଷ୍ ତୀବ୍ର ନିନ୍ଦା କରିଛି । ରୁଷ୍ ବୈଦେଶିକ ମନ୍ତ୍ରଣାଳୟ ଏହାକୁ ଏକ ରାଜନୈତିକ ହତ୍ୟାକାଣ୍ଡ ବୋଲି ଅଭିହିତ କରିବା ସହ ଲେବାନନରେ ତୁରନ୍ତ ଆକ୍ରମଣ ବନ୍ଦ କରିବାକୁ ଆହ୍ୱାନ ଦେଇଛି । ଏୟାରଷ୍ଟ୍ରାଇକ୍‌ରେ ନରସୁଲ୍ଲାଙ୍କ ମୃତ୍ୟୁ ହୋଇଥିବା

ଇସ୍ରାଏଲ ଦାବିର କିଛିଘଣ୍ଟା ପରେ ହିଜ୍‌ବୁଲ୍ଲା କହିଛି ଆଞ୍ଚଳିକ ଯୁଦ୍ଧ ଏବେ ଅନିବାର୍ଯ୍ୟ ହୋଇପଡିଛି । ସୋମବାର ଠାରୁ ଲେବାନନ୍‌ରେ ଇସ୍ରାଏଲ ଆକାଶମାର୍ଗରୁ ଆକ୍ରମଣକୁ ଅଧିକ ତୀବ୍ର କରିଛି । ସୂଚନାଯୋଗ୍ୟ ଏବେ ଚାଲିଥିବା ସଂଘର୍ଷ ଯୋଗୁଁ ଲୋବାନନ୍‌ରୁ ୨ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି ବୋଲି ଜାତିସଂଘ ସୂଚନା ଦେଇଛି ।

## ନାସା-ସୁନିତା ୱିଲିୟମ୍ସ

ନାସା ଏବଂ ସ୍ପେସ୍-ଏକ୍ସ ପକ୍ଷରୁ ଗତକାଲି ୨ଜଣ ମହାକାଶଯାତ୍ରୀଙ୍କୁ ନେଇ କ୍ରୁ-ନାଇନ୍ ତା'ର ଯାତ୍ରା ଆରମ୍ଭ କରିଛି ।  ଆମେରିକାର ଫ୍ଲୋରିଡାସ୍ଥିତ କେପ୍ କାନାଭେରାଲ ସ୍ପେସ୍ ଷ୍ଟେସନରୁ ଏହି ମହାକାଶ ଯାନ ଯାତ୍ରା ଆରମ୍ଭ କରିଛି । ମହାକାଶରେ ଅଟକି ରହିଥିବା ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋରଙ୍କୁ ଫେରାଇ ଆଣିବା ଲାଗି ଏହି ଯାନ ମହାକାଶକୁ ଯାତ୍ରା କରିଛି । ସୂଚନାଯୋଗ୍ୟ କ୍ରୁ-ନାଇନ୍ ମହାକାଶଯାନ ପ୍ରଥମେ ଗୁରୁବାର ଦିନ ଉତ୍‌କ୍ଷେପଣ ହେବାର ଥିଲା । କିନ୍ତୁ ପ୍ରତିକୂଳ ପାଗ ଯୋଗୁଁ ନାସା କର୍ତ୍ତୃପକ୍ଷ ଏହାକୁ ସ୍ଥଗିତ ରଖିଥିଲେ । ଷ୍ଟାର୍‌ଲାଇନ୍ ଜରିଆରେ ଦୁଇ ମହାକାଶକାରୀ ୱିଲିୟମ୍ସ ଏବଂ ୱିଲମୋର୍ ଗସ୍ତ କରିଥିଲେ । ତେବେ ଷ୍ଟାରଲାଇନ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେମାନେ ପୃଥିବୀକୁ ଫେରି ପାରି ନାହାନ୍ତି ।

## ବିଶ୍ୱ ହୃତ୍‌ପିଣ୍ଡ ଦିବସ

ସମଗ୍ର ଦେଶରେ ଆଜି ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ କରାଯାଉଛି । ହୃଦ୍‌ରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି ସହ ବିଶ୍ୱସ୍ତରରେ ହୃଦ୍ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୨୯

ତାରିଖରେ ହୃତ୍‌ପିଣ୍ଡ ଦିବସ ପାଳନ କରାଯାଉଛି । ହୃତ୍‌ପିଣ୍ଡଜନିତ ରୋଗକୁ ପ୍ରତିହତ କରିବା ସହ ଏହାର ସୁରକ୍ଷା ସମ୍ପର୍କରେ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଏହି ଦିବସ ସ୍ମରଣ କରାଇଥାଏ । ଚଳିତବର୍ଷର ବିଷୟବସ୍ତୁ ହେଉଛି 'ୟୁଜ୍ ହାର୍ଟ ଫର୍ ଆକ୍ସନ' ।

ସଂଖ୍ୟାଲଘୁ ବ୍ୟାପାର ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ଦିବସ ପାଳନ ଅବସରରେ ଆଜି ନୂଆଦିଲ୍ଲୀଠାରେ ଏକ ମାରାଥନ୍ ଦୌଡର ଶୁଭାରମ୍ଭ କରିଥିଲେ । ଇଣ୍ଡିଆଗେଟ୍ ଠାରୁ ଭାରତ ମଣ୍ଡପମ୍ ପର୍ଯ୍ୟନ୍ତ ୩ କିଲୋମିଟର ଧରି ଏହି ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୫୦ଜଣ ହୃଦ୍‌ରୋଗୀ, ୧୦୦ଜଣ ଡାକ୍ତରଙ୍କୁ ମିଶାଇ ୮୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ ।

## ଏମ୍‌ପି ଆକ୍ସିଡେଣ୍ଟ

ମଧ୍ୟପ୍ରଦେଶର ମଇହାର ଜିଲ୍ଲାରେ ଗତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୯ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୨୪ଜଣ ଆହତ ହୋଇଛନ୍ତି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରୟାଗରାଜରୁ ରେଓ୍ୱା ଦେଇ ନାଗପୁର ଯାଉଥିବା ଏକ ଯାତ୍ରୀବାହି ବସ୍ କଡ଼ରେ ଠିଆ ହୋଇଥିବା ଗୋଟିଏ ଟ୍ରକ୍ ସହ ଧକ୍କା ଲାଗିବାରୁ ଏହି ଦୁର୍ଘଟଣା ଘଟିଛି । ଜାତୀୟ ରାଜପଥ ୩୦ଉପରେ ଘଟିଥିବା ଏହି ଦୁର୍ଘଟଣାରେ ଆହତଙ୍କୁ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ଉଦ୍ଧାର କରି ଚିକିତ୍ସା ପାଇଁ ସତ୍ନା ଏବଂ ମଇହାର ନିକଟବର୍ତ୍ତୀ ଡାକ୍ତରଖାନା ଗୁଡ଼ିକରେ ଭର୍ତ୍ତି କରାଯାଇଛି ।

# ଭାରତ-ବାଂଲାଦେଶ ଟେଷ୍ଟ

କାନପୁରରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନର ଖେଳ ମଧ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନାହିଁ । ପ୍ରବଳ ବର୍ଷା ପରେ ପଡ଼ିଆ ଖେଳ ଉପଯୋଗୀ ହୋଇନଥିବାରୁ ମ୍ୟାଚ୍ ଆରମ୍ଭରେ ବିଳମ୍ବ ଘଟିଛି । ଅମ୍ପାୟାର ପଡ଼ିଆକୁ ତର୍ଜମା କରୁଛନ୍ତି । ଅପରାହ୍ଣ ୨ଟାରେ ପରବର୍ତ୍ତୀ ସମୀକ୍ଷା ପରେ ଖେଳ ଆରମ୍ଭ ନେଇ ନିଷ୍ପତ୍ତି ନିଆଯିବ ।

ସୂଚନାଯୋଗ୍ୟ ବାଂଲାଦେଶ ପ୍ରଥମ ଇନିଂସରେ କରିଥିବା ତିନି ୱିକେଟ୍ ବିନିମୟରେ ୧୦୭ରନ୍ ସ୍କୋରରୁ ଖେଳ ଆରମ୍ଭ କରିବ । ପ୍ରବଳ ବର୍ଷା ଯୋଗୁଁ ଗତକାଲି ଖେଳ ସମ୍ଭବ ହୋଇପାରି ନଥିଲା । ଏପରିକି ପ୍ରଥମ ଦିନର ଖେଳ ଅପରାହ୍ଣ ପରେ ବନ୍ଦ ରହିଥିଲା । ବାଂଲାଦେଶର ମୋମିନୁଲ୍ ହକ୍ ୪୦ ଏବଂ ମୁସ୍‌ଫିକୁର୍ ରହିମ୍ ୬ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଆକାଶଦୀପ୍ ୨ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନୀ ଗୋଟିଏ ୱିକେଟ୍ ହାସଲ କରିଛନ୍ତି । ସୂଚନାଯୋଗ୍ୟ ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଚେନ୍ନାଇଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୨୮୦ରନ୍‌ରେ ବାଂଲାଦେଶକୁ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।